ଏତ ଗଲା ଗୋଟାଏ କଥା । ବଡ଼ କଥାଟା ଏହି ଯେ, ପଦୀଟା ବୋହୂ ପାଖେ ପାଖେ ଜୋକପରି ଲାଗି ରହିଛି । ପଦୀଟା ପୋଇଲି ହେଲେ କଣ ହେଲା, ତାହାର ଗୁଣ ଢେର । ଗାଁରେ ତାହାର ନାମଡାକ ଅଛି । ଗାଁ ମଧରେ କୌଣସି ସାନ୍ତଙ୍କ ଝିଅ ବିଭାଘର ଦଶ ପନ୍ଦର ଦିନ ଆଗରୁ ମା'  ସାନ୍ତାଣୀ ପଦୀକୁ ଡାକିନେଇ ଝିଅ ପାଖରେ ରଖିଦିଅନ୍ତି । ଶାଶୂଘରକୁ ଯିବାବେଳେ ଝିଅ କାହାକୁ ଧରି କି କଥା କହି କିପରି ବାହୁନିବ-ଶାଶୂଘରେ କେତେ ଓଢ଼ଣା ପକାଇ କିପରି ନଇଁ ନଇଁ ଚାଲିବ, କିପରି ଚୁ-ଚୁ କଥା କହିବ, ଏସବୁ ସଦ୍‌ଗୁଣ ଶିଖାଇବାକୁ ପଦୀକୁ କେହି ବଳିଯିବ ନାହିଁ । ନିତାନ୍ତ ପରିତାପର ବିଷୟ, ଶିକ୍ଷାର, ବିଶେଷରେ ସ୍ତ୍ରୀ ଶିକ୍ଷାର ବହୁଳ ପ୍ରଚାର ଯୋଗୁ ପଦୀ-ଶ୍ରେଣୀ ଗୁଣବତୀମାନଙ୍କ ଦାନାପାଣି ପ୍ରାୟ ଉଠିଗଲାଣି । ଝିଅ ବିଭାହୋଇ ଆସିବା ବେଳେ ମଙ୍ଗଳପୁର ତାଲୁକର ଜମିଦାରଣୀ ପଣତକାନିରେ ଆଖି ପୋଛିପକାଇ କହିଲେ, "ଶୁଣ ପଦୀ ମନି ତୋତେ ଲାଗିଲା । ବୁଝି ସାବଧାନ ! ଝିଅର ଢଙ୍ଗଢାଙ୍ଗ, ଲାଜ ସରମ କଥାରେ ଯେମନ୍ତ କେହି ତୁଣ୍ଡ ନ ଫିଟାଏ, ଆମ ବଂଶକୁ ନିନ୍ଦା ବୋଲଣା ନ ଆସେ ।"  ପଦୀ ଖୁବ୍ ଗର୍ବରେ ମୁରକି ହସଟାଏ ହସି କହିଲା, "ଆଜ୍ଞା ମଣିମା ! ଏକଥା କଣ ଆଜି ପଦୀକୁ ଶିଖାଇଦେବେ ?"

କନ୍ୟାଟିର ନାମ ମୋହିନୀ । ରୂପରେ ଗୁଣରେ ବି ସେହିପରି ମୋହିନୀ । ମଦନ ବାବୁଙ୍କ ମନକୁ ବଡ଼ ଲାଗିଗଲାଣି । ଭାରି ଇଚ୍ଛା, ବୋହୂଟିକୁ ଭଲ କରି ପଢ଼ାଇବେ, ସବୁବେଳେ ଦୁଇ ଜଣ ବସି କଥାଭାଷା ହେବେ, ସଞ୍ଜବେଳେ ତୋଟାରେ ବୁଲିବେ । ଉପାୟ କଣ-ପଦୀଟା ତ ସାଙ୍ଗେ ସାଙ୍ଗେ ଲାଗି ରହିଛି । କଣ ମନ୍ତ୍ର ପଢ଼ାଉଛି, ସେହି ମୂର୍ଖ ବୋହୂଟା ବି ଆଖି ଫିଟାଉ ନାହିଁ କି କଥା କହୁନାହିଁ । ଦିନେ ମଦନ ବାବୁ ଆପଣା ପଢ଼ାଘରେ ବସି ଭାବୁଥିଲେ, ହଠାତ୍ ଖୁସିଟାଏ ହୋଇ ପାଟିକରି କହିପକାଇଲେ, "ବେଶ୍ ଉପାୟ ମନରେ ପଡ଼ିଛି, ବେଶ୍ କଥା- ବେଶ୍ କଥା ।"

ମଦନ ବାବୁ ପ୍ରତିଦିନ ରାତି ପହରକ ସରିକି ଉଆସ ଭିତରକୁ ଆସୁଥିଲେ । ଏଣିକି ଢେର ଥର ମଠ ହୋଇଗଲାଣି, ଦିନେ ଦିନେ ଦେଢ଼ପହର ବି ଗଡ଼ିଯାଏ । ଦିନେ ପଦୀ ପଚାରିଲା, "ହୋଇଲୋ ଶୁକ୍ରି ! ସାନ୍ତ ମଣିମାଙ୍କର ଉଆସ ଭିତରକୁ ବିଜେ ହେବାକୁ ଦିନେ ଦିନେ ଏତେ ମଠ ହୁଏ କାହିଁକି ?" ବଡ଼ ଉଆସରେ ଢେର ଗୁଡ଼ାଏ ପୋଇଲୀ; ମାତ୍ର ସାନ ସାନ୍ତଙ୍କ ଉଆସକୁ କେହି ଯାନ୍ତି ନାହିଁ । ପୁଅ ଗୋଳମାଳକୁ ଭଲ ପାଏ ନାହିଁ - ଏଥିପାଇଁ ମା'  ସାନ୍ତାଣୀଙ୍କର ମନା-କେହି ପୋଇଲୀ ସାନ ସାନ୍ତଙ୍କ ଉଆସ ଭିତରକୁ ଯିବେ ନାହିଁ । କେବଳ ଶୁକ୍ରୀ ପୋଇଲୀକୁ ନମୋଦ କରିଦେଇଛନ୍ତି, ସବୁବେଳେ ବୋହୂ ପାଖରେ ଥାଏ । ପାଠ ଘରେ ସାନ ସାନ୍ତ ଓ ଶୁକ୍ରୀ ନିରୋଳାରେ ବସି ଢେର ବେଳ ଯାଏ କଣ ଫୁସରଫାସର ହେଉଥିବାର କେତେ ଥର ଦେଖାଗଲାଣି । ପଦୀ ପଚାରିବାରୁ ଶୁକ୍ରୀ କହିଲା, "ତୁ ଶୁଣି ନାହୁଁ ଲୋ ପଦୀ ଅପା ! ସାନ୍ତ ମଣିମା ଗାରିଡ଼ିମନ୍ତ୍ର ଫୁଙ୍କିବାକୁ ଯାଆନ୍ତି ପରା ।"

ପଦୀ - ଗାରିଡ଼ିମନ୍ତ୍ର କଣ ଲୋ ?

ଶୁକ୍ରୀ - କଣ କି, ଏ ଦେଶରେ ଏହି ଖରାଦିନିଆ ଚିତ୍ରାନାଗ ଢେର ବାହାରି ମଣିଷଙ୍କୁ ଦଂଶି ଦିଅନ୍ତି । ସାନ୍ତଙ୍କୁ ଗାରିଡ଼ିମନ୍ତ୍ର ଜଣା, ଫୁଙ୍କି ଦେଲେ ବିଷ ଉଡ଼ିଯାଏ । ପଣକୁ ପଣ ରୋଗୀ ଭଲ ହୋଇ ଗଲେଣି । ଆଉ କଣ କହିବି ପଦୀ ଅପା, ଏହି ପାଖ ଗାଁ ମିଛୁପୁରରେ ପୁଞ୍ଜାଏ ବୋହୂ ଠକ୍ ଠକ୍ କରି ମରିଗଲେ । କେଡ଼େ ସୁନ୍ଦର ବୋହୂଗୁଡ଼ିକ ଆହା ! ଆହା !

ପଦୀ - ହଁ ଲୋ ଶୁକ୍ରି ! ସେଗୁଡ଼ାକ ସାନ ସାନ୍ତ ମଣିମାଙ୍କୁ କାହିଁକି ବାଡ଼ିନ ଦେଲେ ନାହିଁ ?

